# NATIONAL NEWS BULLETIN (ODIA)

## 18 September 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ବିକଶିତ ଭାରତ ଅର୍ଥନୈତିକ ଯାତ୍ରା ଶୀର୍ଷକ ସମ୍ମିଳନୀ ।
- ଦେଶରେ ୧୫ ବର୍ଷରୁ କମ୍ ବୟସ ପିଲାଙ୍କ ସାଧାରଣ ପାସ୍‌ପୋର୍ଟ୍‌ର ବୈଧତା ୫ ବର୍ଷ ପର୍ଯ୍ୟନ୍ତ ଜାରି ରହିବା ନେଇ ଜାରି ହେଲା ସଂଶୋଧିତ ନିୟମାବଳୀ ।
- ଭାରତୀୟ ବାୟୁସେନାକୁ ଆଜି ଦୁଇଟି ପ୍ରଶିକ୍ଷଣ ବିମାନ ହସ୍ତାନ୍ତର କରିବ ହାଲ୍ ।
- ଏନ୍‌ଟିଏ ପରିଚାଳିତ ୟୁଜିସି ନେଟ୍ ତିନୋଟି ବିଷୟର ପୁନଃ ପରୀକ୍ଷା ପରେ ପ୍ରକାଶ ପାଇଲା ଉତ୍ତର ତାଲିକା ।

ଏବଂ

- ଭାରତ-ଆଫ୍‌ଗାନିସ୍ତାନ ଆନ୍ତର୍ଜାତିକ ପୁରୁଷ ଟି-୨୦ କ୍ରିକେଟ୍ ସିରିଜ୍‌କୁ ୩-୦ରେ ଅକ୍ତିଆର କଲା ଭାରତ ।

# ଫାଇନାନ୍ସ ମିନିଷ୍ଟ୍ରୀ-କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଆଜି ଅର୍ଥମନ୍ତ୍ରଣାଳୟ ପକ୍ଷରୁ ବିକଶିତ ଭାରତ ଦିଗରେ ଅର୍ଥନୈତିକ ଯାତ୍ରା ଶୀର୍ଷକରେ ଦୁଇ ଦିନିଆ ସମ୍ମିଳନୀ ଆରମ୍ଭ ହେବ । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ଓ ଅର୍ଥ ସଚିବମାନେ ଯୋଗଦେବେ ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିବେ । ସମ୍ମିଳନୀରେ ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ସଚିବ ଡକ୍ଟର ସୌରଭ ଗର୍ଗ ବିକଶିତ ଭାରତ ଦିଗରେ ଗ୍ରହଣ କରାଯାଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସମ୍ପର୍କରେ ସୂଚନା ପ୍ରଦାନ କରିବେ । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କ୍ରିଷ୍ଣନ୍ ସୁ-ପ୍ରଶାସନ କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟାର ଭୂମିକା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଅର୍ଥମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଭାରତର ବିକାଶ ଯାତ୍ରାରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକର ସମାଧାନ ନେଇ ସମ୍ମିଳନୀରେ ଆଲୋଚନା କରାଯିବ ।

## ଏମ୍ଇଏ-ପାସ୍‌ପୋର୍ଟ୍

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପାସ୍‌ପୋର୍ଟ୍ ସଂଶୋଧନ ନିୟମାବଳୀ ୨୦୨୬ ଜାରି କରାଯାଇଛି । ପାସ୍‌ପୋର୍ଟ୍ ନିୟମାବଳୀ ୧୯୮୦ରେ କେତେକ ସଂଶୋଧନ କରାଯାଇଥିବା ଜଣାପଡ଼ିଛି । ସଂଶୋଧିତ ନିୟମ ଅନୁଯାୟୀ ୧୫ ବର୍ଷରୁ କମ୍ ବୟସର ପିଲାଙ୍କୁ ପ୍ରଦାନ କରାଯାଉଥିବା ସାଧାରଣ ପାସ୍‌ପୋର୍ଟ୍‌ର ବୈଧତା ୫ ବର୍ଷ କିମ୍ବା ସେମାନଙ୍କୁ ୧୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ରହିବ । ଏ କ୍ଷେତ୍ରରେ ୩୬ ପୃଷ୍ଠା ବିଶିଷ୍ଟ ସାଧାରଣ ପାସ୍‌ପୋର୍ଟ୍ ପ୍ରଦାନ କରାଯିବା ନିୟମ ରହିଛି ।

## ହାଲ୍ ଏୟାର୍‌କ୍ରାଫ୍ଟ

ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ - ହାଲ୍ ଆଜି ବେଙ୍ଗାଲୁରୁଠାରେ ଭାରତୀୟ ବାୟୁସେନାକୁ ୨ଟି ପ୍ରଶିକ୍ଷଣ ବିମାନ ହସ୍ତାନ୍ତର କରିବ । ସେଗୁଡ଼ିକ ମଧ୍ୟରେ ହାଲୁକା ଯୁଦ୍ଧବିମାନ ତେଜସ୍‌ର ସମ୍ପୂର୍ଣ୍ଣ ପରିଚାଳନା ଲକ୍ଷ୍ୟରେ ତାଲିମ ବିମାନ ଏବଂ ଏଚ୍.ଟି.ଟି. ଫର୍ଟି ବେସିକ୍ ଟ୍ରେନ୍‌ର ଏୟାରକ୍ରାଫ୍ଟ ରହିଛି । ଏଥିସହ ହାଲ୍' ପରବର୍ତ୍ତୀ ପିଢ଼ି ଧ୍ରୁବ ହେଲିକପ୍ଟର ସାର୍ବଜନୀନ କ୍ଷେତ୍ରରେ ବ୍ୟବହାର ପାଇଁ ପଓ୍ୱନ ହଂସ ଲିମିଟେଡ୍‌କୁ ହସ୍ତାନ୍ତର କରିବ । କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଆର୍ମି ଚିଫ୍-ରୁଷ

ସେନା ମୁଖ୍ୟ ଜେନେରାଲ୍ ଧିରାଜ ସେଠ୍ ରୁଷ ସେନା ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି । ତିନି ଦିନିଆ ରୁଷ ଗସ୍ତରେ ଯାଇଥିବା ଜେନେରାଲ୍ ସେଠ୍ ଉଭୟ ଦେଶ ମଧ୍ୟରେ ସାମରିକ ସହଯୋଗ ଦୃଢ଼ କରିବା ଏବଂ ଦୁଇ ଦେଶର ସେନା ମଧ୍ୟରେ ଅଭ୍ୟାସ କାର୍ଯ୍ୟ ସମ୍ପ୍ରସାରଣ କରିବା ନେଇ ଆଲୋଚନା କରିଥିବା ଜଣାପଡ଼ିଛି । ସେଠାରେ ପହଞ୍ଚିବା ପରେ ଜେନେରାଲ୍ ସେଠଙ୍କୁ ଗାର୍ଡ଼ଅଫ୍ ଅନର ପ୍ରଦାନ କରାଯାଇଥିଲା । ସେ ମସ୍କୋଠାରେ ସହିଦ ସେନାନୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଜେନେରାଲ ଧିରାଜ ସେଠ ଆଜି ମସ୍କୋ ସ୍ଥିତ ରାଷ୍ଟ୍ରୀୟ ପ୍ରତିରକ୍ଷା ନିୟନ୍ତ୍ରଣ କେନ୍ଦ୍ର ପରିଦର୍ଶନ କରି ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ପ୍ରତିରକ୍ଷା ଉପମୁଖ୍ୟଙ୍କ ସହ ଆଲୋଚନା କରିବେ ।  ଉଭୟ ଅଧିକାରୀ ସାମରିକ କ୍ଷେତ୍ରର ବିକାଶ ଏବଂ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ସ୍ୱଚ୍ଛତା ହିଁ ସେବା

ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସଗୁଡ଼ିକ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୬ ଆରମ୍ଭ କରାଯାଇଛି । ଏହି ଅଭିଯାନ ଅଧୀନରେ ଦୂତାବାସ ଗୁଡ଼ିକର କର୍ମଚାରୀମାନେ ଦୂତାବାସ ପରିସରକୁ ସ୍ୱଚ୍ଛ ରଖିବା ଲାଗି ଶପଥପାଠ କରିଛନ୍ତି । ଆଜାର୍‌ବୈଜାନ, ଆଇସ୍‌ଲ୍ୟାଣ୍ଡ, ଜେଦାହ, ମୋନରୋଭିଆ, ଜାଞ୍ଜିଭର୍ ଦୂତାବାସରେ କର୍ମଚାରୀମାନେ ସ୍ୱଚ୍ଛତା ହିଁ ସେବା ଶପଥପତ୍ର ପାଠ କରିଛନ୍ତି । ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି ଗତକାଲି ନୂଆଦିଲ୍ଲୀର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖ୍ୟ କାର୍ଯ୍ୟାଳୟରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ ।  ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତାରେ ସହଯୋଗ, ସ୍ୱଚ୍ଛ ଭାରତ, ବିକଶିତ ଭାରତ ଅଭିଯାନ ଜାରି ରହିବ ।

# ନେପାଳ-ଡେଥ୍ ଟୋଲ

ନେପାଳ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧ ହଜାର ୪୧୦କୁ ବୃଦ୍ଧି ପାଇଛି । ୬ ହଜାର ୧୪୫ ଜଣ ନିଖୋଜ ଥିବା ସୂଚନା ଦିଆଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ରିଲିଫ୍ ଓ ସନ୍ଧାନ କାର୍ଯ୍ୟ ଜାରି ରହିଛି । ନେପାଳର ଜାତୀୟ ବିପର୍ଯ୍ୟୟ ହ୍ରାସ ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଚିତ୍‌ୱନ୍ ଅଞ୍ଚଳରେ ମୃତ୍ୟୁ ସଂଖ୍ୟା ସର୍ବାଧିକ

ରହିଛି । ଏହି ବନ୍ୟାରେ ହଜାରେ ହଜାର ଲୋକ ବାସଗୃହ ଶୂନ୍ୟ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ୧୩ ହଜାର ୭୫୬ ଜଣଙ୍କୁ ଉଦ୍ଧାର କରାଯାଇଛି । ସର୍ବଶେଷ ସୂଚନା ଅନୁଯାୟୀ ମୃତ ଦେହ ଚିହ୍ନଟ କରିବା ଲାଗି ୧ ହଜାର ୨୮୬ ଜଣଙ୍କ ଡି.ଏନ୍.ଏ. ସଂଗ୍ରହ କରାଯାଇଛି । ୨୭ଟି ଆଶ୍ରୟ ସ୍ଥଳୀରେ ପ୍ରଭାବିତ ଲୋକଙ୍କୁ ରଖାଯାଇଥିବା ଜଣାପଡ଼ିଛି ।

## ୟୁଜିସି-ନେଟ୍ ଜୁନ୍

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଚଳିତ ବର୍ଷ ଜୁନ୍ ମାସରେ ହୋଇଥିବା ୟୁଜିସି ନେଟ୍ ଅନ୍ତର୍ଗତ ତିନୋଟି ବିଷୟର ପୁନଃ ପରୀକ୍ଷା ପରେ ସେହି ବିଷୟଗୁଡ଼ିକର ଉତ୍ତର ତାଲିକା ପ୍ରକାଶ କରିଛି । **ugcnet.nta.nic.in** ୱେବ୍‌ସାଇଟ୍‌ରେ ଉତ୍ତର ତାଲିକା ଉପଲବ୍ଧ ହେଉଛି । ଦେଶର ୨୭୨ଟି ସହରର ୪୫୪ଟି ପରୀକ୍ଷା କେନ୍ଦ୍ରରେ ଚଳିତ ମାସ ୯ ଓ ୧୦ ତାରିଖରେ ଇଂରାଜୀ, ବାଣିଜ୍ୟ ଓ ସମାଜ ବିଜ୍ଞାନ ବିଷୟରେ ପୁନଃ ପରୀକ୍ଷା କରାଯାଇଥିଲା । ଉତ୍ତର ତାଲିକା ସମ୍ପର୍କରେ କୌଣସି ସ୍ପଷ୍ଟିକରଣ ପାଇଁ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ସୂଚନା ଆଧାରରେ ହେଲ୍ପ ଡେସ୍କ ସହ ଯୋଗାଯୋଗ କରାଯାଇପାରିବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି ।

# ପିଏମ୍-ସାଗରମାଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଆଜି ଏହି ସ୍ୱତନ୍ତ୍ର ଧାରାବାହିକରେ ଆମେ ଆପଣଙ୍କୁ 'ସାଗରମାଳା ଅଭିଯାନ' ମାଧ୍ୟମରେ କିଭଳି ବନ୍ଦରଗୁଡ଼ିକ ଉପକୂଳବର୍ତ୍ତୀ ଅଞ୍ଚଳର ବିକାଶର ମୁଖ୍ୟ ଶକ୍ତିରେ ପରିଣତ ହୋଇଛି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

୨୦୧୫ ମସିହାରେ ଆରମ୍ଭ ହୋଇଥିବା 'ସାଗରମାଳା' ଯୋଜନା ଦେଶର ବନ୍ଦରଗୁଡ଼ିକୁ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଏବଂ ବଜାର ଓ ଜନସାଧାରଣଙ୍କୁ ସହ ସଂଯୋଗ କରି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳକୁ ବିକାଶର ଏକ ମୁଖ୍ୟ ଶକ୍ତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

ଏହାର ପାଞ୍ଚ-ସ୍ତମ୍ଭ ବିଶିଷ୍ଟ କାର୍ଯ୍ୟଶୈଳୀ ମାଧ୍ୟମରେ ବନ୍ଦରର ଆଧୁନିକୀକରଣ, ସୁଗମ ସଡ଼କ ଓ ରେଳ ସଂଯୋଗ, ବନ୍ଦର-ଭିତ୍ତିକ ଶିଳ୍ପାୟନ, ଉପକୂଳବର୍ତ୍ତୀ ସମ୍ପ୍ରଦାୟର ବିକାଶ ଏବଂ ଉପକୂଳବର୍ତ୍ତୀ

ଜଳପରିବହନ ଓ ଆଭ୍ୟନ୍ତରୀଣ ଜଳପଥର ବ୍ୟାପକ ବ୍ୟବହାରକୁ ଏକତ୍ର କରାଯାଇଥିଲା ।

ସାଗରମାଳା ଅଭିଯାନରେ ୬ ଦଶମିକ୍ ୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ୮୪୫ରୁ ଅଧିକ ପ୍ରକଳ୍ପ ଚିହ୍ନଟ କରାଯାଇଥିବା ବେଳେ ଇତିମଧ୍ୟରେ ୩୧୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି । ପ୍ରମୁଖ ବନ୍ଦରଗୁଡ଼ିକରେ ଜାହାଜର ଯିବା ଆସିବା ସମୟ ୨୦୧୪ ମସିହାରେ ୯୬ ଘଣ୍ଟା ଥିବାବେଳେ ୨୦୨୫ ସୁଦ୍ଧା ଏହା ହ୍ରାସ ପାଇ ୪୯ ଘଣ୍ଟାରେ ପହଞ୍ଚିଛି । ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ୧୦୦ଟି ବନ୍ଦର ମଧ୍ୟରେ ଭାରତର ୯ଟି ବନ୍ଦର ସ୍ଥାନ ପାଇଥିବା ବେଳେ ଉପକୂଳବର୍ତ୍ତୀ ଜଳପରିବହନ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ସାଗରମାଳା ଯୋଜନା ଭାରତର ଉପକୂଳବର୍ତ୍ତୀ ଅଞ୍ଚଳକୁ ବାଣିଜ୍ୟ, ନିଯୁକ୍ତି ଏବଂ ବିକାଶର ଏକ ରଣନୈତିକ ଶକ୍ତିରେ ପରିଣତ କରିଛି ।

ଇତିମଧ୍ୟରେ ଭାରତର ପ୍ରମୁଖ ବନ୍ଦରଗୁଡ଼ିକର କ୍ଷମତା ପ୍ରାୟ ଦ୍ୱିଗୁଣିତ ହୋଇଛି । ୨୦୧୪ରେ ବନ୍ଦରଗୁଡ଼ିକର କ୍ଷମତା ୮୭୩ ନିୟୁତ ଟନ୍ ଥିବା ବେଳେ ୨୦୨୬ ସୁଦ୍ଧା ତାହା ୧ ହଜାର ୭୨୮ ନିୟୁତ ଟନ୍‌ରେ ପହଞ୍ଚିଛି । ସୂଚନା ଯୋଗ୍ୟ ଦେଶର ମୋଟ ବାଣିଜ୍ୟର ୯୫ ପ୍ରତିଶତ ଏବଂ ମୂଲ୍ୟ ଦୃଷ୍ଟିରୁ ୭୦ ପ୍ରତିଶତ ସାମୁଦ୍ରିକ ପଥ ମାଧ୍ୟମରେ ପରିଚାଳନା ହୋଇଥାଏ ।

# ବଲୋଚ୍-କିଲିଂସ୍

ବଲୋଚିସ୍ତାନରେ ପାକିସ୍ତାନୀ ସେନା ତିନି ଜଣ ସାଧାରଣ ନାଗରିକଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି । ସେଠାକାର ମାନବାଧିକାର ସଂଗଠନ ଏହି ସୂଚନା ଦେଇ କହିଛି, ଗଦର ଜିଲ୍ଲା ଅନ୍ତର୍ଗତ କୁଲଦାନ ଅଞ୍ଚଳର ଦାନୁକ ଠାରେ ତିନୋଟି ମୃତ ଦେହ ପୋତି ଦିଆଯାଇଛି । ପୂର୍ବରୁ ସମ୍ପୃକ୍ତ ତିନିଜଣଙ୍କୁ ପାକିସ୍ତାନୀ ସେନା ବଳ ପୂର୍ବକ ଅପହରଣ କରିନେଇଥିଲା । ବଲୁଚିସ୍ତାନର ମାନବାଧିକାର ସଂଗଠନ ପକ୍ଷରୁ ପାକିସ୍ତାନୀ ସେନାର ବଳପୂର୍ବକ ଅପହରଣ, ବେନିୟମ ଅଟକ ରଖିବା ଏବଂ ହତ୍ୟା କରିବା ଭଳି ଘଟଣା ନେଇ ସୂଚନା ଦେଇଛି । ସଂଗଠନ ପକ୍ଷରୁ ଜାତିସଂଘ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ମାନବାଧିକାର ସଂଗଠନଗୁଡ଼ିକୁ ହସ୍ତକ୍ଷେପ କରିବା ଲାଗି ଅନୁରୋଧ କରାଯାଇଛି ।

# କ୍ରିକେଟ୍

ଭାରତ-ଆଫ୍‌ଗାନିସ୍ତାନ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ପୁରୁଷ କ୍ରିକେଟ ସିରିଜ୍‌ରେ ଭାରତ ଚାମ୍ପିୟନ୍ ହୋଇଛି । ଗତକାଲି  ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ୧୨୭ରନ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍‌ରେ ୨୨୧ରନ୍ ସ୍କୋର

କରିଥିଲା । ଜବାବରେ ଆଫ୍‌ଗାନିସ୍ତାନ ୧୪ ଓଭର ଗୋଟିଏ ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୯୪ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ନୀତିଶ କୁମାର ରେଡ୍ଡୀ ଏବଂ ରବି ବିଷ୍ଣୋଇ ୩ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ଅକ୍ଷର ପଟେଲ ୨ଟି ଓ୍ୱିକେଟ୍ ନେଇଥିଲେ । ଅଭିଶେକ ଶର୍ମା ୩୮ ବଲ୍‌ରେ ୧୦୮ରନ୍ ସ୍କୋର କରିଥିଲେ । ସେ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟାର୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି । ପୂର୍ବରୁ ଅନ୍ୟ ଦୁଇଟି ମ୍ୟାଚ୍‌ରେ ମଧ୍ୟ ଭାରତ ବିଜୟ ହାସଲ କରିଥିଲା ।